# ରାମ ରାମ ଧ୍ୱନିରେ କମ୍ପିଲା ଢେଙ୍କାନାଳ



ଅଳସୁଆ ମଠ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମ।



ଦେଉଳସାହି ଶ୍ରୀରାମ ସେବା ସଦନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।

ଢେଙ୍କାନାଳ,୨୨।୧(ରତନ ନାୟାର)

ଅଯୋଧ୍ୟାରେ ନବ ନିର୍ମିତ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଢେଙ୍କାନାଳ ସହରରେ ବିଭିନ୍ନ ମଠ ମନ୍ଦିରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୂଜା, ହୋମଯଜ୍ଞ, ପ୍ରସାଦସେବନ, ସଂକୀର୍ତ୍ତନ, ଶୋଭାଯାତ୍ରା ଆଦି ଦିନତମାମ ଅନୁଷ୍ଠିତ ହୋଇଥିଲା। ମନ୍ଦିରଗୁଡିକୁ ଆଲୋକମାଳାରେ ସାଜସଜ୍ଜା କରାଯାଇଥିଲା। ଏହି ଅବସରରେ ଶ୍ରୀରାମ ଜନ୍ମଭୂମି ନ୍ୟାସ ପରିବାର ଢେଙ୍କାନାଳ ପକ୍ଷରୁ ଅଳସୁଆ ମଠ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ହୋମଯଜ୍ଞ, ଶ୍ରୀରାମଚରିତ ମାନସ ପାଠ, ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହିତ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ରାମ ସେବକ ସୁନୀଲ ଶର୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶ୍ରଦ୍ଧାଳୁଙ୍କ ମଧ୍ୟରେ ନବୀନଚନ୍ଦ୍ର ନାରାୟଣ ଦାସ, ଭରତ ଦାସ, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ନରେଶଚନ୍ଦ୍ର ମହାପାତ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ମୋନିକା ଶର୍ମା, ପୌର ପରିଷଦର କାଉନସିଲର, ରାଜେନ୍ଦ୍ର ଦାସ, ଗୋପାଳ ସାହୁ, ବଳରାମ ସାହୁ, ସୁରେନ୍ଦ୍ର ମିଶ୍ର, ଶରତ ଷଡଙ୍ଗୀ, ପରିକ୍ଷିତ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ସେହିପରି ଶ୍ରୀରାମ ସେବା ସଦନ ଢେଙ୍କାନାଳ ପକ୍ଷରୁ ସହରସ୍ଥିତ ସିଦ୍ଧ ବଳରାମ ମନ୍ଦିର ପରିସରରେ ଥିବା ଶ୍ରୀରାମଚନ୍ଦ୍ର ଜୀଉଙ୍କ ମନ୍ଦିର ପରିସରରେ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା ଦେଉଳସାହି ଠାରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବଳରାମ ମନ୍ଦିର ପରିସରକୁ ଆସିଥିଲା। ସେଠାରେ ଦୀପ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅଯୋଧ୍ୟାରୁ ଅଣାଯାଇଥିବା ମାଟିକୁ ପୂଜାର୍ଚ୍ଚନା କରାଯାଇ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣିବା ପରେ ମନ୍ଦିରରେ ସ୍ଥାପନ କରାଯାଇଥିଲା। ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁ ଦୀପକ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନେତୃତ୍ୱରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୟ ଶ୍ରୀରାମ, ଜୟରାମ, ଜୟ ଜୟ ରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସେହିପରି ସହରସ୍ଥିତ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ହନୁମାନ ବାଟିକାଠାରେ ପୂଜାର୍ଚ୍ଚନା ସହ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏଲ୍‌ଇଡି ମାଧ୍ୟମରେ ରାମମନ୍ଦିର ପ୍ରତିଷ୍ଠା ଉତ୍ସବରେ ସିଧା ପ୍ରସାରଣ କରାଯାଇଥିଲା। ଏତଦ୍‌ବ୍ୟତୀତ ସହରର ବିଭିନ୍ନ ଅଞ୍ଚଳର ଦେବୀଦେବୀ ପୀଠରେ ପୂଜାର୍ଚ୍ଚନା, ହୋମଯଜ୍ଞ ମାଧ୍ୟମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ଜୁବୁଲି ଟାଉନ –୧ ପୂଜା ପ୍ରତିଷ୍ଠାନ ଓ ନାଗେଶ୍ୱରୀ ମନ୍ଦିର କମିଟି ଜୁବୁଲି ଟାଉନ ଠାରେ ସଂକୀର୍ତ୍ତନ, ରାମ ଖେଚୁଡ଼ି ପ୍ରସାଦ ପ୍ରଦାନ ଏବଂ ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ।

## ୬ରେ ପୁରୀରୁ ଆସିବ ତାଳଧ୍ୱଜ ରଥ ଚକ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଶ୍ରୀବଳରାମ ମନ୍ଦିର ପରିସରରେ ଶୋଭା ପାଇବ ପୁରୀ ତାଳଧ୍ୱଜ ରଥ ଚକ। ଏଥିନିମନ୍ତେ ଆସନ୍ତା ଫେବୃଆରୀ ୬ ତାରିଖ ଦିନ ପୁରୀରୁ ମହାପ୍ରଭୁ ଶ୍ରୀବଳରାମଙ୍କ ତାଳଧ୍ୱଜ ରଥଚକ ଅଣାଯିବ ବୋଲି ସୋମବାର ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ମୁତାବକ, ବଳରାମ ମନ୍ଦିର ପୂଜକ ଓ ଦେବୋତ୍ତର ବିଭାଗର ଅଧିକାରୀ ଆସନ୍ତା ୬ ତାରିଖ ସକାଳେ ପୁରୀ ଯାଇ ତାଳଧ୍ୱଜ ରଥ ଚକ ଗ୍ରହଣ କରି ଅପରାହ୍ନରେ ଢେଙ୍କାନାଳ ସହରରେ ପହଞ୍ଚିବେ। ଏହି ରଥଚକ ପୁରୀରୁ ଆସି ଢେଙ୍କାନାଳ ସହର ଉପକଣ୍ଠ କଲେଜ ବାଇପାସ ଦେଇ ବସ୍‌ଷ୍ଟାଣ୍ଡ ପୂର୍ତ୍ତ ବିଭାଗ ଛକ, ମହାବୀର ବଜାର ଛକ, ବାଜିଚୌକ ଛକ, ଶାସନ ଛକ, ଜଗନ୍ନାଥ ରୋଡ୍, ଗଣେଶ ବଜାର ଓ ରଥଗଡ଼ା ଦେଇ ଶ୍ରୀବଳରାମ ମନ୍ଦିରରେ ପହଞ୍ଚିବ। ଶ୍ରୀବଳରାମ ମନ୍ଦିର ପରିସରରେ ତାଳଧ୍ୱଜ ରଥ ଚକକୁ ଢେଙ୍କାନାଳବାସୀ ଭବ୍ୟ ଅଭ୍ୟର୍ଥନା ଜ୍ଞାପନ କରିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ସଦର ତହସିଲଦାର ସୁଧାଂଶୁ ଶେଖର ସାଓ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ସାହୁ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଅଧିକାରୀମାନେ।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ଓଡ଼ାପଡ଼ା,୨୨।୧ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଗୁଣଦେଇ ଉଚ୍ଚ ବିଦ୍ୟାଳୟ ପରିସରରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରୀଡ଼ାଙ୍ଗନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦେହୁରୀ, ମୁଖ୍ୟବକ୍ତା ଭାବେ ରୁଦ୍ରଦେବ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ବରାଳ, ବୈକୁଣ୍ଠନାଥ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ବିଭିନ୍ନ ଖେଳକୁଦରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ଯାଉଁଳି ପୋଖରୀ ମଠରେ ଜଳିଲା ୧୦୦୦ ଦୀପ

ଢେଙ୍କାନାଳ,୨୨।୧(ରତନ ନାୟାର)



ଯାଉଁଳି ପୋଖରୀ ମଠରେ ପୂଜାର୍ଚ୍ଚନା।

ଅଯୋଧ୍ୟାର ଭବ୍ୟ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଢେଙ୍କାନାଳର ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଯାଉଁଳି ପୋଖରୀ ମଠ ପରିସରରେ ସୋମବାର ୧୦୦୦ ଦୀପକୁ ଜୟ ଶ୍ରୀରାମ ଲେଖାଭଳି ସଜାଇ ପ୍ରଜ୍ୱଳନ କରାଯାଇଛି। ଢେଙ୍କାନାଳ ଶ୍ରୀଜଗନ୍ନାଥ ସେବା ପରିଷଦ ଅନୁଷ୍ଠାନ ପକ୍ଷରୁ ଏହି ଦୀପ ପ୍ରଜ୍ୱଳନ ସହ ୧୦୮ ଆଳତି ଓ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଯୋଗ ଦେଇଥିଲେ। ଶ୍ରଦ୍ଧାଳୁମାନେ ହାଲୁଆ, କମଳା ଭୋଗ ଓ ବିଭିନ୍ନ ପ୍ରକାର ଫଳ ପ୍ରସାଦ ଆକାରରେ ପାଇଥିଲେ। ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଓ ସମ୍ପାଦକ ଅଶୋକ କୁମାର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରୋଜ ନଳିନୀ ମହାଳିକ ଓ ବାବୁଚାନ୍ଦ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବସ୍‌ଷ୍ଟାଣ୍ଡ ଅମଳାପଡାସ୍ଥିତ ଶିକ୍ଷା କାର୍ଯ୍ୟାଳୟ ନିକଟସ୍ଥ ହନୁମାନ ମନ୍ଦିର ଓ କୁଞ୍ଜକାନ୍ତ ପୋଖରୀ ନିକଟରେ ଶ୍ରୀରାମ ମନ୍ଦିରଠାରେ ପୂଜାର୍ଚ୍ଚନା, ହନୁମାନ ଚାଳିଷା ପାଠ ଓ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

## ପରିଶ୍ରମ କରି ସଫଳତା ହାସଲ କର

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରଦାସ୍ଥିତ ଅଶ୍ୱଖୋଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପରିଶ୍ରମ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡ଼ା, ସରପଞ୍ଚ ଦୀପ୍ତିମୟୀ ବେହେରା, ମୋ ସ୍କୁଲ ଅଭିଯାନ ସଭାପତି ବନ ବିହାରୀ ସାହୁ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଜାତୀୟ ପୁରସ୍କାର ପାଇଥିବା ଶିକ୍ଷକ ହରିହର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ କହିଥିଲେ। ଶିକ୍ଷକ ଅନନ୍ତ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ରଙ୍ଗଲତା ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଅନ୍ନଦା ଶଙ୍କର ଦାସ, ଶିକ୍ଷୟିତ୍ରୀ ସରୋଜନୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।



## ସେଲ୍‌ଫ ହେଲ୍‌ପ ପକ୍ଷରୁ ୫ମ ସାଂସ୍କୃତିକ ମହୋତ୍ସବ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଜିଲାର ଗୋପବନ୍ଧୁ ଟାଉନ୍‌ହଲ୍ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଲ୍‌ଫ ହେଲ୍‌ପ ପକ୍ଷରୁ ପଞ୍ଚମ ସାଂସ୍କୃତିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ଓ ସଙ୍ଗୀତର କଳାକାରମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ସହିତ ସେମାନଙ୍କ ପ୍ରତିଭାକୁ ରାଜ୍ୟ ତଥା ଦେଶ ବିଦେଶରେ ଉପସ୍ଥାପନା କରିବା ଅନୁଷ୍ଠାନର ଏକମାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଦୀପ୍ତିମୟ ମିଶ୍ର କହିଥିଲେ। ସାଂସ୍କୃତିକ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରେମାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ଅତିରିକ୍ତ ସଚିବ ବିଶ୍ୱନାଥ ବେହେରା ଯୋଗ ଦେଇଥିଲେ। ଶିଶୁ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ କଳା ଅନୁଷ୍ଠାନ ଓ କଳାକାରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପାଣି ପରିଚାଳନା କରିଥିଲେ।




ସେଲ୍‌ଫ ହେଲ୍‌ପ ପକ୍ଷରୁ ୫ମ ସାଂସ୍କୃତିକ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଚା' ଦୋକାନ ଭିତରକୁ ପଶିଗଲା ଟ୍ରକ୍

ପରଜଙ୍ଗ,୨୨।୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅନ୍ତର୍ଗତ ସରାଙ୍ଗ ଚେକ ଗେଟ୍‌ଠାରେ ରବିବାର ବିଳମ୍ବିତ ରାତିରେ ଏକ ଆଇରନ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଏକ ଚା' ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ଚା' ଦୋକାନଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



## ଶ୍ରୀରାମଲୀଳା ନାଟକରେ ଦର୍ଶକ ବିଭୋର

### ଇସ୍କନ ପକ୍ଷରୁ ବିଜୟ ଉତ୍ସବ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଇସ୍କନ ପକ୍ଷରୁ ସୋମବାର ସନ୍ଧ୍ୟାରେ ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ବିଜୟ ଉତ୍ସବ ପାଳିତ ହୋଇଯାଇଛି। ଅଯୋଧ୍ୟାରେ ନିର୍ମିତ ଭବ୍ୟ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇସ୍କନ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ଶ୍ରୀରାମଲୀଳା ଦର୍ଶକଙ୍କୁ ବିଭୋର କରିଥିଲା। ପ୍ରାରମ୍ଭରେ ଇସ୍କନ ଢେଙ୍କାନାଳ ଶାଖା ଅଧ୍ୟକ୍ଷ ପ୍ରେମ କିଶୋର ଦାସ ଶ୍ରୀକୃଷ୍ଣ ଓ ଶ୍ରୀରାମ କଥାମୃତ ସହିତ ସନାତନ ଧର୍ମର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଖବରଦାତା ଆଶିଷ ରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ଅଯୋଧ୍ୟାରେ ନିର୍ମିତ ଭବ୍ୟ ମନ୍ଦିରରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଦ୍ୱାରା ୫୦୦ ବର୍ଷର ପ୍ରତୀକ୍ଷାର ଅନ୍ତଃ ଘଟିଛି ବୋଲି ମତବ୍ୟକ୍ତ କରିବା ସହ ଅହଙ୍କାର, ଅସହିଷ୍ଣୁତା ପରିତ୍ୟାଗ କରି ମହାପ୍ରଭୁ ଶ୍ରୀରାମଙ୍କ ନିକଟରେ ସମର୍ପିତ ହେଲେ ରାମରାଜ୍ୟ ପ୍ରତିଷ୍ଠା ସମ୍ଭବ ହେବ ବୋଲି ମତ ଦେଇଥିଲେ। ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।




ଇସ୍କନ ପକ୍ଷରୁ ଶ୍ରୀରାମଲୀଳା ନାଟକ।

## ତିଳପଦା ଟିମ୍‌କୁ ହରାଇ ବାରଦା ଚାମ୍ପିୟନ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ତିଳପଦାଠାରେ ମୁନସୁନ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ଇନ୍ଦ୍ରଜିତ ଓ ଦିଗଲ କ୍ରିକେଟ ପ୍ରତିଯୋଗିତାର ସୋମବାର ଫାଇନାଲ ମ୍ୟାଚରେ ତିଳପଦା ଟିମ୍‌କୁ ହରାଇ ବାରଦା ଦଳ ଚାମ୍ପିୟନ ହୋଇଛି। ତିଳପଦା ପ୍ରଥମେ ବ୍ୟାଟିଂ କରି ୯୭ ରନ ସଂଗ୍ରହ କରିଥିଲା। ଜବାବରେ ବାରଦା ଦଳ ୭ ଓଭରରେ ୯୯ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଫାଇନାଲ ମ୍ୟାଚରେ ଅତିଥି ଭାବେ ସାମାଜିକ କର୍ମୀ ରଶ୍ମିରଞ୍ଜନ ପାଢୀ, ହରପ୍ରସାଦ ହୋତା ଓ ବେଣୁଧର ରାଉତ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳକୁ ବିଶ୍ୱରଞ୍ଜନ ରାଉତ ଓ ମାନସ ରାଉତ ପରିଚାଳନା କରିଥିବା ବେଳେ ଅମିତ କୁମାର ରାଉତ, ସ୍ମୃତି ରଞ୍ଜନ ରାଉତ, ଲିକୁ ସାମଲଙ୍କ ସମେତ କ୍ଲବର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ଚାମ୍ପିୟନ ବାରଦା ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

## ମାନବ ସେବାରେ ବ୍ରତୀ ହେବାକୁ ପରାମର୍ଶ




ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ଠାରେ ଥିବା ଢେଙ୍କାନାଳ ଏକାଡେମୀ ଅଫ ମେଡିକାଲ ସାଇନ୍ସ ମହାବିଦ୍ୟାଳୟରେ ୨୦୨୩–୨୪ ବ୍ୟାଚ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ(ପ୍ରଶାସନ) ରାଜୀବ କୁମାର ବେହେରା ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷା କୋକିଳା ପଣ୍ଡା, ମେଡିକାଲ ସାଇନ୍ସର ଅଧ୍ୟକ୍ଷା ମଧୁସ୍ମିତା ମଣ୍ଡଳ, ମ୍ୟାନେଜମେଣ୍ଟ ସାଇନ୍ସର ଅଧ୍ୟକ୍ଷ ନିର୍ମଳ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇବା ସହ ବିଦ୍ୟା ଅଧ୍ୟୟନ ଓ ମହାବିଦ୍ୟାଳୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମାନବ ସେବା ହେଉଛି ମାଧବ ସେବା। ଏହି ବ୍ରତରେ ବ୍ରତୀ ହେବାକୁ ମହାବିଦ୍ୟାଳୟ ନିର୍ଦ୍ଦେଶକ ଡ. ରଜନୀକାନ୍ତ ତରାଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏକ ମନୋଜ୍ଞ ପରିବେଶରେ ଗଢି ଉଠିଥିବା ଏହି ଅନୁଷ୍ଠାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ର ଅଧ୍ୟୟନ ସହିତ ସ୍ମାର୍ଟ କ୍ଲାସ ରୁମ, ଅତ୍ୟାଧୁନିକ ଲାଇବ୍ରେରି ଓ ତାଲିମପ୍ରାପ୍ତ ଅଧ୍ୟାପକଙ୍କ ସହିତ ଉତ୍ତମ କଲେଜ କ୍ୟାମ୍ପସ ରହିଥିବା ନିର୍ଦ୍ଦେଶକ ସୂଚନା ଦେଇଥିଲେ। ସ୍ୱାଗତ ଉତ୍ସବରେ ଏଏନ୍‌ଏମ୍, ଜିଏନ୍‌ଏମ୍ ଓ ବିଏସ୍‌ସି ନର୍ସିଂର ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟ ତରଫରୁ ସେମାନଙ୍କୁ କଲେଜ ବ୍ୟାଗ ଓ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

## ବୌଦ୍ଧଧର୍ମ ସମ୍ପର୍କରେ ଆଲୋଚନା

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ରଥଗଡ଼ାସ୍ଥିତ ଉଫୁନା କାର୍ଯ୍ୟାଳୟ ପରିସରରେ ବୌଦ୍ଧଧର୍ମ ସମ୍ପର୍କରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବୁଦ୍ଧିଷ୍ଟ ଫୋରମର ରାଜ୍ୟ ଆବାହକ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ଉଫୁନାର କାର୍ଯ୍ୟକାରୀ ସଭାପତି ତଥା ସର୍ବଭାରତୀୟ ଉପସଭାପତି ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, କବି ବାହାଦୁର ପାଟ୍ଟସାହାଣୀ, ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ ବୌଦ୍ଧ ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ ସ୍ୱାଗତ ଭାଷଣ ଓ ସମାଜବାଦୀ ନେତା ସରୋଜ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଧିଷ୍ଠିର ସାହୁ, ରବିନାରାୟଣ ସେଠୀ, ଲକ୍ଷ୍ମୀଧର ଶତପଥୀ, ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ଭିକାରୀ ଚରଣ ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



# ଉତ୍ପାଦକୁ ମିଳୁନି ଉଚିତ ମୂଲ୍ୟ

- ଶୀତଳ ଭଣ୍ଡାର ନ ଥିବାରୁ କ୍ଷତି ସହୁଛନ୍ତି ପରିବା ଚାଷୀ
- କିଶୋରନଗର ବ୍ଲକ ଅଞ୍ଚଳରେ ୫ ଟଙ୍କାରେ ବିକ୍ରି ହେଉଛି କୋବି
- ଋଣ ପରିଶୋଧ ନେଇ ବଢୁଛି ଚିନ୍ତା

ବଇଣ୍ଡା, ୨୨।୧ (ପରିକ୍ଷିତ ସାହୁ)

ଚାଷ ଓ ଚାଷୀଙ୍କ ବିକାଶ ପାଇଁ ସରକାରୀ ଯୋଜନାର ଅଭାବ ନାହିଁ। ହେଲେ ଚାଷୀ ଉତ୍ପାଦନ କରୁଥିବା ଫସଲକୁ ସଂରକ୍ଷିତ କରି ରଖିବା ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯାଉ ନ ଥିବାରୁ ଅନେକ ସମୟରେ ବିକ୍ରି ବେଳେ ଉଚିତ ମୂଲ୍ୟ ନ ପାଇ କ୍ଷତିରେ ପଡୁଛନ୍ତି ଚାଷୀ। ବିଶେଷକରି ପରିବା ଚାଷୀମାନେ ଅଧିକ ସଂକଟର ସମ୍ମୁଖୀନ ହେଉଥିବା ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ବ୍ଲକର ଜାମୁନାଳି, ହଣ୍ଡପା, କଣ୍ଟେଇକୋଳିଆ ପଞ୍ଚାୟତର ଅନେକ ପରିବା ଚାଷୀ ପ୍ରାୟ ୪ଶହ ହେକ୍ଟରରେ ଫୁଲ ଓ ବନ୍ଧା କୋବି ଚାଷ କରିଥିଲେ ହେଁ ଶୀତଳଭଣ୍ଡାର ନ ଥିବାରୁ ଅମଳ ପରେ କୋବିକୁ ସଂରକ୍ଷିତ କରି ନ ପାରି ଅଦର ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏପରି କି ଏହି ଚାଷୀମାନେ କ୍ଷତି ସହୁଥିଲେ ମଧ କୋବି ଗୋଟା ପ୍ରତି ୫ ଟଙ୍କାରେ ବିକି ଦେଉଥିବା କହିଛନ୍ତି।



ଚାଷୀମାନଙ୍କ କହିବା ଅନୁଯାୟୀ, ବ୍ଲକର କଣ୍ଟେଇକୋଳିଆ ପଞ୍ଚାୟତରେ ଥିବା ଇଚ୍ଛାପୁର, ଅଁଳାବେରେଣୀ, କଣ୍ଟେଇକୋଳିଆ, ଜାମୁନାଳି ପଞ୍ଚାୟତର ମଧୁପୁର, ଜାମୁନାଳି, ଖଣ୍ଡବର, ଅଶ୍ରୁବାହାଳ, ହଣ୍ଡପା ପଞ୍ଚାୟତର ହିଞ୍ଜିରିଡା, ପ୍ରତାପପୁର, ହଣ୍ଡପା, ଚାକୁଣ୍ଡାମୁଣ୍ଡା ଆଦି ଗ୍ରାମରେ ବିପୁଳ ପରମାଣର କୋବି ଚାଷ କରାଯାଇଛି। ବର୍ତ୍ତମାନ ଫସଲ ଅମଳ ସମୟ ହୋଇଥିବାରୁ ଏକାସାଙ୍ଗରେ ଶତାଧିକ ହେକ୍ଟର ଜମିରୁ କୋବି ତୋଳାଯାଉଛି। କିନ୍ତୁ ଏତେ ପରିମାଣର କୋବିକୁ ହଠାତ୍ ବିକ୍ରି କରାଯାଇପାରୁ ନ ଥିବାବେଳେ ସଂରକ୍ଷିତ କରି ରଖିବାକୁ ସରକାରଙ୍କ ପକ୍ଷରୁ ଶୀତଳଭଣ୍ଡର ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଅନେକ କୋବି ନଷ୍ଟ ହୋଇଯାଉଥିବା ବେଳେ ବାଧ ହୋଇ ଚାଷୀମାନେ ଗୋଟା ପିଛା ୫ ଟଙ୍କାରେ ବିକ୍ରି କରିଦେଉଛନ୍ତି। ପ୍ରତି କୋବି ଗଛ ପିଛା ୧୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୫ ଟଙ୍କାରେ ବିକ୍ରି ହେବା ଚାଷୀମାନଙ୍କୁ ଲକ୍ଷାଧିକ ଟଙ୍କା କ୍ଷତିରେ ପକାଉଛି। ସେହିପରି ବାହାର ରାଜ୍ୟରୁ ଏହି ଅଞ୍ଚଳକୁ ବନ୍ଧା କୋବି ଆସୁଥିବା ଯୋଗୁ ସ୍ଥାନୀୟ କୋବିର ମୂଲ୍ୟ ଓ ଚାହିଦା ଆହୁରି କମିଯାଉଛି। ଫଳରେ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ଚାଷୀମାନେ କିଭଳି ଋଣ ପରିଶୋଧ କରିବେ ସେ ନେଇ ଚିନ୍ତିତ ହୋଇପଡିଛନ୍ତି। ଏହି ପଞ୍ଚାୟତର ଅନେକ ଚାଷୀଙ୍କୁ ସରକାରୀ ସବ୍‌ସିଡି ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ହାତୀ ଉପଦ୍ରବ ମଧ ପରିବା ଚାଷୀଙ୍କ ଅନ୍ୟଏକ ଚିନ୍ତାର କାରଣ ହୋଇଛି। ବଇଣ୍ଡାଠାରେ ଏକ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଓ କୃଷକ ସଙ୍ଗଠନ ପକ୍ଷରୁ ୨ ନଭେମ୍ବର ୨୦୧୭, ୨୩ ମେ ୨୦୨୧, ୨ ଫେବୃଆରୀ ୨୦୨୩ରେ ଆଠମଲ୍ଲିକ ବିଧାୟକଙ୍କ ଠାରୁ ଆରମ୍ଭ କରି ଅନୁଗୋଳ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଧୁପୁର କୋବି ଚାଷୀଙ୍କ ପକ୍ଷରୁ ମଧ ଏକ ଦାବିପତ୍ର ୨୦ ନଭେମ୍ବର ୨୦୨୩ ରେ ଜିଲା ପ୍ରଶାସନକୁ ଦିଆଯାଇଥିଲା। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ସ୍ୱରାଜ୍ୟ ଲକ୍ଷ୍ମୀ ନାୟକ କହିଛନ୍ତି, ପରିବା ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଚାଷ ସାମଗ୍ରୀ ଯୋଗାଇ ଦିଆଯାଉଛି।

# ବଦଳିଲେ ଅନୁଗୋଳ ଜିଲାପାଳ

## ସିଏମ୍‌ସି କମିଶନର ହେଲେ ସିଦ୍ଧାର୍ଥ, ଅନୁଗୋଳ ଦାୟିତ୍ୱ ନେବେ ଅଖତାର

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର ନିଗମ (ସିଏମ୍‌ସି)ର କମିଶନର ଭାବେ ବଦଳି କରାଯାଇଛି। କୋରାପୁଟର ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କୁ ଅନୁଗୋଳ ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ଅନୁଗୋଳ ଜିଲା ଗଠନ ପରେ ୨୧ ତମ ଜିଲାପାଳ ଭାବେ ଅବଦଲ ଅଖତାର ଦାୟିତ୍ୱ ଗ୍ରହଣ କରିବେ। ଏଥିସହ ଅନୁଗୋଳ ଭାଗରେ ୧୬ ତମ ଆଇଏଏସ୍(ଭାରତୀୟ ପ୍ରଶାସନିକ ସେବା ଅଧିକାରୀ) ଦାୟିତ୍ୱ ନେବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଅନୁଗୋଳ ଦେଖିଥିବା ଜିଲାପାଳଙ୍କ ମଧ୍ୟରେ ବର୍ତ୍ତମାନର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଠାରେ ସର୍ବାଧିକ ଦିନ ଦାୟିତ୍ୱରେ ରହି ରେକର୍ଡ କରିଛନ୍ତି। ସେ ଅନୁଗୋଳରେ ସର୍ବାଧିକ ସମୟ ରହିଥିବା ଜିଲାପାଳଙ୍କ ତାଲିକାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ଅନୁଗୋଳରେ ୨୦୨୦ ସେପ୍ଟେମ୍ବର ୧୪ ତାରିଖରେ ଦାୟିତ୍ୱ ନେଇଥିବାବେଳେ ୨୦୨୪ ଜାନୁୟାରୀ ୨୨ରେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ସେ ଅନୁଗୋଳରେ ୩ ବର୍ଷ ୪ମାସ ଜିଲାପାଳ ଦାୟିତ୍ୱରେ ରହିଛନ୍ତି। ଏହି ସମୟରେ ଅନୁଗୋଳ କୋଭିଡ୍ ଭଳି ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହି ପରିସ୍ଥିତିର ଉଚିତ ମୁକାବିଲା ଠାରୁ ଆରମ୍ଭ କରି ସହର ବିକାଶ ଓ ଜିଲାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଠିକଣା ଢଙ୍ଗରେ ପରିଚାଳିତ କରି ଜିଲାପାଳ ସ୍ୱାଇଁ ସାଧାରଣରେ ବେଶ୍ ପ୍ରଶଂସାଭାଜନ ହୋଇପାରିଛନ୍ତି। ତାଙ୍କ ସ୍ଥାନରେ ଦାୟିତ୍ୱ ନେବାକୁ ଥିବା ନୂଆ ଜିଲାପାଳ ମହମ୍ମଦ ଅବଦଲ ଅଖତାର ମଧ ସେହି ବିକାଶ କାର୍ଯ୍ୟକୁ ଆହୁରି ଆଗେଇ ନେବେ ବୋଲି ଅନୁଗୋଳ ଜିଲାବାସୀ ଆଶାବ୍ୟକ୍ତ କରିଛନ୍ତି।



ସିଦ୍ଧାର୍ଥ ଶଙ୍କର ସ୍ୱାଇଁ।



ମହମ୍ମଦ ଅବଦଲ ଅଖତାର।

# ଆଜିଠାରୁ ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ବିଜୁ ମଇଦାନ ଠାରେ ୨୩ ତାରିଖ ମଙ୍ଗଳବାରରୁ ଦିବାରାତ୍ର ଜାତୀୟ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଭଲିବଲ ହୋମ୍ ପକ୍ଷରୁ ବିଜୁ ମଇଦାନ ଠାରେ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଟୁର୍ନାମେଣ୍ଟ ୨୫ରେ ଶେଷ ହେବ ବୋଲି ଭଲିବଲ୍ ହୋମ୍‌ର ସାଧାରଣ ସମ୍ପାଦକ ବସନ୍ତ ଦାସ ସୂଚନା ଦେଇଛନ୍ତି। ଏଥିରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍), ଏଲ୍‌ଆଇସି ଇଣ୍ଡିଆ, ଇନ୍‌କମ୍‌ଟ୍ୟାକ୍ସ କଲିକତା, ଆନ୍ଧ୍ରପ୍ରଦେଶ ସ୍ପୋର୍ଟିଂ କ୍ଲବ, ଜବଲପୁର ରେଲୱେ ଓ ଇଷ୍ଟକୋଷ୍ଟ ରେଲୱେ ଅଂଶଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଟିମ୍‌କୁ ୫୦ ହଜାର ଓ ରନର୍ସଅପ୍‌କୁ ୩୦ ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଭଲିବଲ୍ ହୋମ୍ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଜାତୀୟ ଖେଳାଳି ରବୀନ୍ଦ୍ର ଦାସ, ରାକେଶ କୁମାର ପ୍ରଧାନ, ଚିନ୍ମୟ କୁମାର ଦାସ, ଅନିଲ ପଟ୍ଟନାୟକ, ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ଜଗନ୍ନାଥ ସଂସ୍କୃତିର ପ୍ରଭାବ ସଂକ୍ରାନ୍ତୀୟ ଆଲୋଚନାଚକ୍ର



ଅନୁଗୋଳ,୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିଙ୍ଗୁଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ 'ବସୁଧା' ଉପଦେଷ୍ଟା ତଥା ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ଯୋଗଦେଇଥିଲେ। ସନ୍ତୋଷ ପଟ୍ଟନାୟକ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ପ୍ରଧାନ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଲକ୍ଷ୍ମୀଧର ବେହେରା ମଞ୍ଚ ପରିଚାଳନା କରିଥିଲା ବେଳେ ଅଧ୍ୟାପିକା ରଶ୍ମିରେଖା ଲେଙ୍କା, ଅଧ୍ୟାପକ ପ୍ରଦୀପ କୁମାର ନନ୍ଦ, କ୍ରୀଡ଼ା ଶିକ୍ଷକ ହୃଷୀକେଶ ସାହୁ, ଗ୍ରନ୍ଥାଧିକାରୀ କବି ଚରଣ ସାହୁ, ମନୋଜ କୁମାର ସାହୁ, ପଳଉ ସାହୁ, ବିଚିତ୍ରାନନ୍ଦ ସାହୁ, ଜନ୍ମେଜୟ ସାହୁ, ଅଭୟ କୁମାର ସ୍ୱାଇଁ ଓ ଜନକ ସାହୁ ସହଯୋଗ କରିଥିଲେ। ନୋଡାଲ ଅଫିସର ତଥା ଅଧ୍ୟାପକ ନରେଶ ଚନ୍ଦ୍ର ସାମଲ ଉପସ୍ଥିତ ଥିଲେ। ଅଧ୍ୟାପିକା ଦମୟନ୍ତୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

# ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ଏନ୍‌ଏସି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଅଲକନନ୍ଦା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନଗରପାଳ ଅକ୍ଷୟ କୁମାର ସାମନ୍ତ, କାଉନସିଲର ବଳରାମ ଜେନା, କାଉନସିଲର ସୁଜାତା ପଲାର, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଅତିଥିମାନଙ୍କୁ ଅବଗତ କରିଥିଲେ। ଏହି ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି ଅତିଥିମାନେ କହିଥିଲେ। ଏଥିସହ ବିଦ୍ୟାଳୟର ଉନ୍ନତି ପାଇଁ ଅନୁଗୋଳ ପୌରପାଳିକା ଚେଷ୍ଟା କରିବ ବୋଲି ସେ କହିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସାଗରିକା ମହିଳା କ୍ଲବ ବସନ୍ତ ମେଳା ଉଦ୍‌ଯାପିତ



ତାଳଚେର,୨୨।୧(ମନୋଜ ନନ୍ଦ)

ଅନୁଗୋଳ ଜିଲା ଏନ୍‌ଟିପିସି ତାଳଚେର ଥର୍ମାଲ ସାଗରିକା ମହିଳା କ୍ଲବ ତରଫରୁ ଚାଲିଥିବା ବସନ୍ତ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ଦେବ ଓ ସାଗରିକା ମହିଳା କ୍ଲବର ମୁଖ୍ୟ ବିପାସା ଦେବ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ସହ ଅନେକ ପ୍ରକାର ଷ୍ଟଲ୍ ଖୋଲା ଯାଇଥିଲା। ସାଗରିକା ମହିଳା କ୍ଲବର ବହୁମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ କ୍ଲବର ମୁଖ୍ୟ ସୂଚନା ଦେଇଥିଲେ। ବିଭିନ୍ନ ମହାମାରୀ, ପ୍ରାକୃତିକ ଦୁର୍ବିପାକ ତଥା ସମାଜରେ ଅବହେଳିତ ଲୋକଙ୍କୁ ସେବା ଯୋଗାଇ ଦେବା ପରି ଅନେକ ମହତ୍ତ୍ୱପୂର୍ଣ୍ଣ କାମ ଏହି ସଙ୍ଗଠନ କରିଚାଲିଛି। ସଙ୍ଗୀତର ମନୋମୁଗ୍ଧ ପରିବେଶରେ ଦର୍ଶକମାନେ ମନଭରି ଏହି ସନ୍ଧ୍ୟାକୁ ଉପଭୋଗ କରିଥିଲେ।

# ନବଜାତ ଶିଶୁ କନ୍ୟା ମୃତଦେହ ଜବତ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ମୁଣ୍ଡାହଟିଂ ଠାରେ ଏକ ନବଜାତ ଶିଶୁ କନ୍ୟାଙ୍କ ମୃତଦେହ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମୁଣ୍ଡାହଟିଂର କେତେଜଣ ଲୋକ ଶୌଚ ହେବାକୁ ଯାଉଥିବା ବେଳେ ଏହା ଦେଖିବାକୁ ପାଇଥିଲେ। ଏହି ଖବର ଜଣାପଡିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ନାଲ୍‌କୋ ପୋଲିସ ପହଞ୍ଚି ନବଜାତ ଶିଶୁ କନ୍ୟା ମୃତଦେହ ଜବତ କରିଥିଲା। ମୃତ ଶିଶୁକନ୍ୟା କାହାର ତାହା ଜଣାପଡ଼ି ନ ଥିବାବେଳେ କେହି ଜଣେ ଫିଙ୍ଗି ଦେଇଥିବା ଜଣାପଡ଼ିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ

ଛେଣ୍ଡିପଦା,୨୨।୧(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ସୋମବାର ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଧାୟକ କୋଶଳା ପଞ୍ଚାୟତର ୫୫ ନଂ. ରାଜ୍ୟ ରାଜପଥଠାରୁ ଷଣ୍ଢପାଳ ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ଗ୍ରାମ ନିକଟରେ ଥିବା ନାଳ ଉପରେ ବିଜୁ ସେତୁ ଯୋଜନାରେ ଏକ ପୋଲ ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ବାହାଲସାହି ପଞ୍ଚାୟତ ଜାତୀୟ ରାଜପଥ ୧୪୩ବିର ଚାରବାଟି ଛକଠାରୁ ବାହାଲସାହି ଗ୍ରାମକୁ ଛୋଟ ତେନ୍ତୁଳୀ ଓ ଲଙ୍ଗୁଳି ଦେଇ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ପକ୍କା ସଡ଼କର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ନୂଆଗାଁ ପଞ୍ଚାୟତରୁ ସମ୍ବଲପୁର ଜିଲାକୁ ସଂଯୋଗ କରୁଥିବା ଲୁଣମାଟି ରାସ୍ତାର ନୁହୁରାଣୀ ନାଳ ଉପରେ ନିର୍ମିତ ପୋଲକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ ସାହୁ, ନଗେନ ପ୍ରଧାନ, ସରପଞ୍ଚ ଜନ୍ମେଜୟ ମାଝି, ସମରେଶ ନାଥ, ସୌଭାଗ୍ୟ ପ୍ରଧାନ, କାହ୍ନୁଚରଣ ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



# ଭଲ ମଣିଷ ହେବାକୁ ପରାମର୍ଶ

କଣିହାଁ,୨୨।୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁଧାକର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ମଧ୍ୟସମ୍ଭାଗର ଜିଲା ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ, ସମ୍ମାନିତ ଅତିଥି ଭାବେ ନବୀନ ଓଡ଼ିଶା ଅନୁଗୋଳ ଜିଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ପରାବିଲ ସରପଞ୍ଚ କବିତା ରାଣୀ ପ୍ରଧାନ ଯୋଗଦେଇ ଶିଶୁମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉଦୟନାଥ ସାହୁ ଅତିଥି ପରିଚୟ ଏବଂ ସମ୍ପାଦକ ସନ୍ତୋଷ ପ୍ରଧାନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ତଥା ପ୍ରଥମ ସଭାପତି ଡିଲେଶ୍ୱର ପ୍ରଧାନ ଓ ଉପସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କୁ ସରସ୍ୱତୀ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମୋହିତ କରିଥିଲା। ଏଥିରେ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଜନସାଧାରଣ ଯୋଗଦେଇଥିଲେ।




# ଡାକ୍ତରଙ୍କୁ ହତ୍ୟା ଧମକ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସମ୍ପର୍କୀୟଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ୨ ଜଣ ଡାକ୍ତର। ଏ ନେଇ ଅନୁଗୋଳ ଥାନାରେ ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଡାକ୍ତର ଦୀପକ ଗଡ଼ନାୟକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୮୩ ଏବଂ ୮୪/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଡାକ୍ତର ପ୍ରିୟଦର୍ଶିନୀ ସଂକ୍ରମଣ ୱାର୍ଡରେ ରୋଗୀ ଦେଖୁଥିବା ସମୟରେ ଜଣେ ମହିଳା ଗାଳିଗୁଲଜ କରିଥିଲେ। ସେ ଉକ୍ତ ୱାର୍ଡରେ କାର୍ଯ୍ୟ କରୁଥିବା ନର୍ସଙ୍କୁ ପ୍ରଥମେ ଗାଳିଗୁଲଜ କରୁଥିବା ଡାକ୍ତର ଦେଖିବାକୁ ପାଇଥିଲେ। ଏହାର ସେ ପ୍ରତିବାଦ କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବାକୁ ରୋଗୀଙ୍କ ସମ୍ପର୍କୀୟ ମହିଳା ମାଡ଼ିଆସିଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିଭଳି ଡାକ୍ତର ଦୀପକ ଗଡ଼ନାୟକ ମଧ ଆକ୍ରୋଶର ଶିକାର ହୋଇଛନ୍ତି। କୁମୁରିସିଂହା ପଞ୍ଚାୟତ ତଳବାହଳ ଅଞ୍ଚଳର ଜଣେ ଯୁବକ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ପୂଜାର୍ଚ୍ଚନା, ମନ୍ତ୍ରପାଠରେ ସହର ମୁଖରିତ

ଅନୁଗୋଳ, ୨୨।୧ (ଅମିତ କୁମାର ସାମଲ)





ଅଯୋଧ୍ୟାସ୍ଥିତ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଚାଲିଥିବା ବେଳେ ସୋମବାର ଅନୁଗୋଳର ପୁରପଲ୍ଲିଠାରୁ ସହର ଉତ୍ସବମୁଖର ହୋଇପଡ଼ିଥିଲା। ଚାରିଆଡ଼େ ଜୟ ଶ୍ରୀରାମ ଧ୍ୱନି ଗୁଞ୍ଜରିତ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା, ମନ୍ତ୍ରପାଠ ଚାଲିଥିଲା। ମହିଳାମାନେ ରାମଲାଲାଙ୍କ ଉଦ୍ଦେଶ୍ୟରେ ଘର ଆଗରେ ଝୋଟି, ଚିତା ପକାଇବା ସହ ଦୀପ ଜଳାଇଥିଲେ।

ସହରର ବିଭିନ୍ନ ସ୍ଥାନକୁ ଗେରୁଆ ପତାକାରେ ସାଜସଜ୍ଜା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇ ସହର ପରିକ୍ରମା କରାଯାଇଥିଲା। ଡିଜେ ସାଙ୍ଗକୁ ଗେରୁଆ ପତାକା ଧରି ଯୁବଗୋଷ୍ଠୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ପିଲାମାନେ ଏଥିରୁ ବାଦ୍ ପଡ଼ି ନ ଥିଲେ। ଅନେକ ଛାତ୍ରୀଛାତ୍ର ରାମ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା। ବଜାର ଛକ ଠାରେ ରାମ ଭକ୍ତମାନେ ଅଯୋଧ୍ୟାରେ ଅନୁଷ୍ଠିତ ହେଉଥିବା ପ୍ରାଣପ୍ରତିଷ୍ଠା କାର୍ଯ୍ୟକୁ ସ୍ମରଣୀୟ କରିବା ପାଇଁ ଭଜନ, କୀର୍ତ୍ତନ ଓ ଶ୍ରୀରାମ ଧ୍ୱନି ଦେବା ସହିତ ଶ୍ରଦ୍ଧାଳୁମାନଙ୍କୁ ୧୧୦୦୦ ଲଡୁ ବଣ୍ଟନ କରିଥିଲେ। ଏହି ଅବସରରେ ଅନୁଗୋଳ ପୌରାଞ୍ଚଳର ବିଭିନ୍ନ ମନ୍ଦିରରେ ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ସମୟରେ ଘରେ ଘରେ ଓ ମନ୍ଦିରମାନଙ୍କରେ ଦୀପଦାନ କାର୍ଯ୍ୟକ୍ରମ ପରିବେଶକୁ ଅତ୍ୟନ୍ତ ଭାବ ଓ ଭକ୍ତିମୟ କରିଦେଇଥିଲା। ଶ୍ରୀରାମ ତୀର୍ଥକ୍ଷେତ୍ର ମହୋତ୍ସବ ସମିତି ଅନୁଗୋଳ ପକ୍ଷରୁ ଶୈଳଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ୧୧୦୦ ଦୀପ ଦାନ ଦ୍ୱିତୀୟ ଦୀପାବଳିର ଭ୍ରମ ସୃଷ୍ଟି କରିଥିଲା। ଶ୍ରଦ୍ଧାଳୁମାନେ ଦୀପଦାନ ସହିତ ଆତସବାଜି ଜଳାଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଆଗମନକୁ ସ୍ୱାଗତ କରିଥିଲେ।





